# NATIONAL NEWS BULLETIN (ODIA)
## 17 September - 2024
## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ସରକାରଙ୍କ ମହିଳା କେନ୍ଦ୍ରୀତ ସୁଭଦ୍ରା ଯୋଜନାର ଆଜି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେବ ନୌସେନା କମାଣ୍ଡରମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ସମ୍ମିଳନୀ ।
- ସ୍ୱଚ୍ଛ ଭାରତ ମିଶନ୍‌ର ଦଶମ ବାର୍ଷିକୀ ପାଳନ ଅବସରରେ ଆଜିଠାରୁ ଆରମ୍ଭ ହେବ ସ୍ୱଚ୍ଛତା ହିଁ ସେବା ଅଭିଯାନ ।
- ପଶ୍ଚିମବଙ୍ଗର ଆନ୍ଦୋଳନରତ ଜୁନିୟର୍ ଡାକ୍ତରଙ୍କ ୩ଟି ଦାବି ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ।

ଏବଂ

- ଏସିଆ ହକି ଚାମ୍ପିୟନ୍ସ ଟ୍ରଫି ଫାଇନାଲ୍‌ରେ ଆଜି ମୁହାଁମୁହିଁ ହେବେ ଭାରତ ଓ ଚୀନ୍ ।

# ପ୍ରଧାନମନ୍ତ୍ରୀ-ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ବହୁ ପ୍ରତିକ୍ଷିତ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ । ମହିଳା କେନ୍ଦ୍ରୀତ ସୁଭଦ୍ରା ଯୋଜନାରେ ୧ କୋଟି ମହିଳାଙ୍କୁ ସହାୟତା ପ୍ରଦାନ କରାଯିବ । ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ଯୋଗ୍ୟ ମହିଳା ହିତାଧିକାରୀମାନେ ପାଞ୍ଚ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ପାଇବେ । ପ୍ରତ୍ୟେକ ବର୍ଷ ହିତାଧିକାରୀଙ୍କ ଆଧାର ସଂଯୋଗୀକୃତ ବ୍ୟାଙ୍କ୍ ଆକାଉଣ୍ଟକୁ ଡି.ବି.ଟି. ଜରିଆରେ ୧୦ହଜାର ଟଙ୍କା ଲେଖାଏଁ ପଠାଯିବ । ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମ ପର୍ଯ୍ୟାୟରେ ୧୦ଲକ୍ଷରୁ ଅଧିକ ମହିଳା ହିତାଧିକାରୀଙ୍କ ଆକାଉଣ୍ଟକୁ ଅର୍ଥ ହସ୍ତାନ୍ତର କରିବେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ହଜାର ୮୦୦ କୋଟିରୁ ଅଧିକ ଟଙ୍କାର ରେଳ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ । ଏହି ରେଳ ପ୍ରକଳ୍ପ ଗୁଡ଼ିକ ମାଧ୍ୟମରେ ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ଘଟିବା ସହ ବିଭିନ୍ନ ଅଞ୍ଚଳ ମଧ୍ୟରେ ସଂଯୋଗୀକରଣ ସ୍ଥାପନ ହେବ । ପ୍ରଧାନମନ୍ତ୍ରୀ ହଜାରେ କୋଟିରୁ ଅଧିକ ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପ ଗୁଡ଼ିକର ମଧ୍ୟ ଶିଳାନ୍ୟାସ କରିବେ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାର ହିତାଧିକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର

ନିଗମ ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି ।

## ଭାରତ-ଜଳ ସପ୍ତାହ

ଅଷ୍ଟମ ଭାରତ ଜଳ ସପ୍ତାହ ଆଜି ନୂଆଦିଲ୍ଲୀରେ ଆରମ୍ଭ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତ ମଣ୍ଡପମ୍ ଠାରେ ଏହାର ଶୁଭାରମ୍ଭ କରିବେ । ୪ ହଜାରରୁ ଅଧିକ ପ୍ରତିନିଧି ଏହି ୪ ଦିନିଆ କାର୍ଯ୍ୟକ୍ରମରେ ଭାଗ ନେବେ । ସେମାନଙ୍କ ମଧ୍ୟରେ ୪୦ଟି ଦେଶର ୨୦୦ ପ୍ରତିନିଧି ମଧ୍ୟ ଯୋଗଦେବେ । ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ପ୍ରଦର୍ଶନୀ କାଳରେ ଏକ ଶହରୁ ଅଧିକ ପ୍ରଦର୍ଶକ ଏବଂ ଷ୍ଟାର୍ଟଅପ୍, ଜଳ କ୍ଷେତ୍ର ସମ୍ପର୍କିତ ବିଚାରଧାରା ଉପସ୍ଥାପନ କରିବେ ।

## ପ୍ରଧାନମନ୍ତ୍ରୀ ଜନ୍ମଦିନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୭୪ ବର୍ଷ ପୁରଣ କରିଛନ୍ତି । ୧୯୫୦ ମସିହା ସେପ୍ଟେମ୍ବର ୧୭ରେ ଜନ୍ମ ଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ ୨୦୧୪ ମସିହାରୁ ଆଜି ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି । ଏହା ପୂର୍ବରୁ ୨୦୦୨ରୁ ୨୦୧୪ ପର୍ଯ୍ୟନ୍ତ ଶ୍ରୀ ମୋଦୀ

ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ଶ୍ରୀ ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ବିଜେପି ପକ୍ଷରୁ ସେବା ପଖଓ୍ୱାଡା ଆରମ୍ଭ କରାଯିବ । ଏହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସମୟ ମଧ୍ୟରେ ବିଜେପି କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ସେବା କାର୍ଯ୍ୟ କରିବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଆଜି ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ନୂଆଦିଲ୍ଲୀ ସ୍ଥିତ ଦଳ ମୁଖ୍ୟାଳୟରେ ସେବା ପଖଓ୍ୱାଡା ଅଧୀନରେ ରକ୍ତଦାନ ଶିବିରର ଉଦ୍‌ଘାଟନ କରିବେ । ଏହି ଅବସରରେ ଶ୍ରୀ ନଡ୍ଡା ପ୍ରଧାନମନ୍ତ୍ରୀଙ୍କ ଜୀବନୀ ଆଧାରିତ ଏକ ପ୍ରଦର୍ଶନୀର ମଧ୍ୟ ଶୁଭାରମ୍ଭ କରିବେ ।

## ନାଭାଲ୍ କମାଣ୍ଡର ସମ୍ମିଳନୀ

ନୌସେନା କମାଣ୍ଡରମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ସମ୍ମିଳନୀ ଆଜି ଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ସମ୍ମିଳନୀରେ ନୌସେନା କମାଣ୍ଡରମାନଙ୍କ ମଧ୍ୟରେ ରଣନୀତି କୌଶଳ, କାର୍ଯ୍ୟପନ୍ଥା ଏବଂ ପ୍ରଶାସନିକ ପ୍ରସଙ୍ଗରେ ଆଲୋଚନା ହେବ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୪ଦିନିଆ ଏହି ସମ୍ମିଳନୀରେ ନୌସେନା ମୁଖ୍ୟ ଉଦ୍‌ଘାଟନୀ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି । ଗତ ୬ ମାସ ମଧ୍ୟରେ ଭାରତୀୟ ନୌସେନାର

କାର୍ଯ୍ୟକଳାପ, ପ୍ରଶିକ୍ଷଣ ଏବଂ ପ୍ରଶାସନିକ କାର୍ଯ୍ୟ ସମ୍ପର୍କରେ ନୌସେନା ମୁଖ୍ୟ ସମୀକ୍ଷା କରିବେ । ପଶ୍ଚିମ ଏସିଆରେ ଜଟିଳ ସାମୁଦ୍ରିକ ସୁରକ୍ଷା ସ୍ଥିତି ଓ ଦେଖାଦେଇଥିବା ଭୌଗଳିକ ରାଜନୀତି ଏବଂ ରଣନୀତି, ଆଞ୍ଚଳିକ ଆହ୍ୱାନ ଆଦି ବିଷୟକୁ ଦୃଷ୍ଟିରେ ରଖି ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଏହି ସମ୍ମିଳନୀ ଭାରତୀୟ ନୌସେନାର ଭବିଷ୍ୟତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ କରାଯାଉଛି ।

ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତା ଗୁରୁବାର ଜାତୀୟ ସୁରକ୍ଷା ସମ୍ପର୍କରେ ନୌସେନା କମାଣ୍ଡରମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀରେ ତିନି ସେନାର ମୁଖ୍ୟମାନେ ଅଂଶଗ୍ରହଣ କରିବେ ।

## ୧୦୦ ଦିନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ତୃତୀୟ ପାଳିର ପ୍ରଥମ ୧୦୦ ଦିନ ପୂରଣ କରିଛି । ଏହି ପ୍ରଥମ ୧୦୦ ଦିନ ମଧ୍ୟରେ ମୋଦୀ ସରକାରଙ୍କ ପକ୍ଷରୁ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ନେଇ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି । ୧୦୦ ଦିନ ମଧ୍ୟରେ କେନ୍ଦ୍ର ସରକାର ବିଭିନ୍ନ ପ୍ରକଳ୍ପ ଓ ଯୋଜନା ଗୁଡ଼ିକରେ ୧୫ଲକ୍ଷ କୋଟି

ଟଙ୍କା ନିବେଶ କରିଛନ୍ତି । କୃଷି ଏବଂ ବିନିର୍ମାଣ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇଛି । ଗରିବ, ମଧ୍ୟବିତ୍ତ, ଦଳିତ, ବଞ୍ଚିତ, ଆଦିବାସୀ, ମହିଳା ଏବଂ ଯୁବପିଢ଼ିଙ୍କ ଜୀବନଶୈଳୀକୁ ସହଜ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଦୂରଦୃଷ୍ଟି ସମ୍ପନ୍ନ ନାଗରୀକ କେନ୍ଦ୍ରିତ ଯୋଜନା ଗୁଡ଼ିକ ଲାଗୁ କରାଯାଇଛି । ସାମାଜିକ ସଂସ୍କାର ଓ ମଧ୍ୟବିତମାନଙ୍କୁ ସଶକ୍ତ କରିବା ସହ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲାଗି କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।

## ସ୍ୱଚ୍ଛତା ସେବା ଅଭିଯାନ

ସମଗ୍ର ଦେଶରେ ଆଜିଠାରୁ 'ସ୍ୱଚ୍ଛତା ହିଁ ସେବା ଅଭିଯାନ ୨୦୨୪' ଆରମ୍ଭ ହେବ । ଏହି ଅଭିଯାନ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ସ୍ୱଚ୍ଛତା ହିଁ ସେବା ଅଭିଯାନର ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା–ସଂସ୍କାର ସ୍ୱଚ୍ଛତା' । ସ୍ୱଚ୍ଛ ଭାରତ ମିଶନ୍‌ର ଦଶମ ବାର୍ଷିକୀ ପାଳନ ଅବସରରେ ଏହି ଅଭିଯାନ ଆରମ୍ଭ ହେବ । ଏହା ଅଧୀନରେ ଦେଶରେ ୨ଲକ୍ଷ ସ୍ୱଚ୍ଛତା ଲକ୍ଷ୍ୟ ୟୁନିଟ୍ – ସି.ଟି.ୟୁ. ସ୍ଥାପନ ପାଇଁ ପଦକ୍ଷେପ ନିଆଯିବ । ଜିଲ୍ଲା ସ୍ତରରେ ସ୍ୱେଚ୍ଛାସେବୀ ସଂଗଠନ ତଥା ବିଭିନ୍ନ ବେସରକାରୀ ଅନୁଷ୍ଠାନକୁ ଏହି ୟୁନିଟ୍‌ରେ ସାମିଲ କରାଯିବା ନେଇ ବ୍ୟବସ୍ଥା କରାଯାଇଛି । ସଫେଇ ମିତ୍ର ସୁରକ୍ଷା ଶିବିରମାନ

ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ଏବଂ ପରିମଳ ସଂକ୍ରାନ୍ତ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରୋତ୍ସାହିତ କରାଯିବାର ଲକ୍ଷ୍ୟ ରଖାଯାଇଛି ।

## ପ୍ରଧାନମନ୍ତ୍ରୀ-ସ୍ମାରକୀ ନିଲାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମିଳିଥିବା ଉପହାର ଗୁଡ଼ିକର ଇ-ନିଲାମି ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହେବ । କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏହି ନିଲାମି ପ୍ରକ୍ରିୟାରେ ଭାଗ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ନିଲାମିରେ ଯେଉଁ ଅର୍ଥ ମିଳିବ ତାହା ନମାମି ଗଙ୍ଗେ ପାଣ୍ଠିକୁ ଦିଆଯିବ । ଶ୍ରୀ ଶେଖାୱତ କହିଛନ୍ତି, ୨୦୧୯ରେ ପ୍ରଧାନମନ୍ତ୍ରୀଙ୍କୁ ମିଳିଥିବା ଉପହାର ଗୁଡ଼ିକର ଇ-ନିଲାମି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଆଜିଠାରୁ ଆରମ୍ଭ ହେବାକୁ ଥିବା ଇ-ନିଲାମି ପ୍ରକ୍ରିୟା ଏହାର ଷଷ୍ଠ ପର୍ଯ୍ୟାୟ । ଲୋକମାନେ ନିଜ ପସନ୍ଦର ଜିନିଷ ପାଇଁ ନିଲାମ ଡାକି ପାରିବେ । ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହି ନିଲାମି ପ୍ରକ୍ରିୟା ଜାରି ରହିବ । ଆଗ୍ରହୀ ବ୍ୟକ୍ତିବିଶେଷ **pmmementos.gov.in** ୱେବ୍‌ସାଇଟ୍‌ରେ ପଞ୍ଜିକରଣ କରି ନିଲାମି ପ୍ରକ୍ରିୟାରେ ଭାଗ ନେଇପାରିବେ ।

ଶ୍ରୀ ଶେଖାୱତ କହିଛନ୍ତି, ଚଳିତ ବର୍ଷ ୬୦୦ରୁ ଅଧିକ ସ୍ମାରକୀକୁ ନିଲାମି ପ୍ରକ୍ରିୟାରେ ସାମିଲ କରାଯାଇଛି । ସେଗୁଡ଼ିକ ମଧ୍ୟରେ ଉତ୍କୃଷ୍ଟ କଳାକୃତି, ମନ୍ଦିର ଏବଂ ଦେବାଦେବୀଙ୍କ ପ୍ରତିମୂର୍ତ୍ତି ରହିଛି । ପାରା ଅଲିମ୍ପିକ୍ ଖେଳାଳିମାନଙ୍କ ଜୋତା ମଧ୍ୟ ଇ-ନିଲାମି ପାଇଁ ରଖାଯାଇଛି ।

## ପଶ୍ଚିମବଙ୍ଗ-ଡକ୍ଟର ପ୍ରୋଟେଷ୍ଟ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ରାଜ୍ୟ ସରକାର ବିକ୍ଷୋଭକାରୀ ଜୁନିୟର୍ ଡାକ୍ତରମାନଙ୍କ ୪ଟି ଦାବି ମଧ୍ୟରୁ ୩ଟି ଦାବି ମାନିନେଇଛନ୍ତି । ଗତ ରାତିରେ କାଳିଘାଟ ସ୍ଥିତ ନିଜ ବାସଭବନରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜୁନିୟର୍ ଡାକ୍ତରମାନଙ୍କ ସହ ସାକ୍ଷାତ ଆଲୋଚନା ପରେ ଏହା କହିଛନ୍ତି । ସେ କହିଛନ୍ତି, ଦାବି ଅନୁଯାୟୀ କୋଲକାତା ପୁଲିସ୍ କମିଶନର ବିନୟ ଗୋୟଲଙ୍କୁ ହଟାଇ ଦିଆଯିବ । ଆଜି ଅପରାହ୍ଣ ସୁଦ୍ଧା ଏକ ଅଧିସୂଚନା ଜରିଆରେ ଏହି ପଦକ୍ଷେପ ଗ୍ରହଣ କରାଯିବ । ସେ କହିଛନ୍ତି, ଉତ୍ତର ଭାଗର ଡେପୁଟି କମିଶନରଙ୍କୁ ମଧ୍ୟ ବଦଳି କରାଯିବ । ଦାବି ଅନୁଯାୟୀ ଚିକିତ୍ସା ଶିକ୍ଷା ନିର୍ଦ୍ଦେଶକ ଏବଂ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କୁ ମଧ୍ୟ ବଦଳି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ଜୁନିୟର୍ ଡାକ୍ତରମାନଙ୍କୁ କାର୍ଯ୍ୟରେ ଯୋଗଦେବାକୁ ଆହ୍ୱାନ

ଦେଇଛନ୍ତି । କୋଲକାତାରେ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଜୁନିୟର୍ ଡାକ୍ତରମାନେ ନ୍ୟାୟ ଦାବିରେ ବିରୋଧ ପ୍ରଦର୍ଶନ କରୁଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ପରେ ଧାରଣାମଞ୍ଚ ନିକଟକୁ ଆସି ବିକ୍ଷୋଭକାରୀ ଜୁନିୟର୍ ଡାକ୍ତରମାନେ କହିଛନ୍ତି, ଏହି ନିଷ୍ପତ୍ତି ସେମାନଙ୍କ ବିରୋଧ ପ୍ରଦର୍ଶନ ଓ ଆନ୍ଦୋଳନର ବିଜୟ । ତେବେ ନିଷ୍ପତ୍ତି ଗୁଡ଼ିକ ଲାଗୁ ହେବା ପର୍ଯ୍ୟନ୍ତ ସେମାନଙ୍କ ଧାରଣା ଜାରି ରହିବ ବୋଲି ଜୁନିୟର୍ ଡାକ୍ତରମାନେ କହିଛନ୍ତି ।

## ଗଭ୍-ଏସ୍ଏସ୍ସି

କେନ୍ଦ୍ର ସରକାର କର୍ମଚାରୀ ଚୟନ ଆୟୋଗ – ଏସ୍.ଏସ୍.ସି.ର ବିଭିନ୍ନ ପରୀକ୍ଷା ନିମନ୍ତେ ପରୀକ୍ଷାର୍ଥୀମାନଙ୍କ ଆଧାର ଆଧାରିତ ଚିହ୍ନଟ ପ୍ରକ୍ରିୟା କାର୍ଯ୍ୟକ୍ଷମ କରିବା ଲାଗି ଅନୁମତି ପ୍ରଦାନ କରିଛନ୍ତି । ଏସ୍.ଏସ୍.ସି. ପରୀକ୍ଷା ପାଇଁ ପଞ୍ଜିକରଣ ଏବଂ ପରୀକ୍ଷାର ବିଭିନ୍ନ ପର୍ଯ୍ୟାୟରେ ଚିହ୍ନଟ ସାବ୍ୟସ୍ତ କରିବା ଲାଗି ଆଧାର ପ୍ରମାଣିକରଣକୁ ସ୍ୱୀକୃତି ଦିଆଯାଇଛି । ବିଭିନ୍ନ ସମୟରେ ଆୟୋଜିତ ହେଉଥିବା ପରୀକ୍ଷାରେ ନକଲି ପରୀକ୍ଷାର୍ଥୀ ପରୀକ୍ଷା ଦେବା ଏବଂ ଅନ୍ୟ କେତେକ ବିଷୟକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୂର୍ବରୁ

କେନ୍ଦ୍ରୀୟ ଲୋକସେବା ଆୟୋଗ – ୟୁ.ପି.ଏସ୍.ସି. ପକ୍ଷରୁ ଏହି ବ୍ୟବସ୍ଥା ଗ୍ରହଣ କରିବାକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିସାରିଛନ୍ତି ।

## ହକି

ଚୀନ୍‌ର ହୁଲୁନ୍‌ବୁ୍ୟର୍ ଠାରେ ଆଜି ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଭାରତ ଏବଂ ଚୀନ୍ ମଧ୍ୟରେ ଏସିଆ ହକି ଚାମ୍ପିୟନ୍ସ ଟ୍ରଫି ୨୦୨୪ର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ହକି ଟିମ୍ ପଞ୍ଚମଥର ଲାଗି ଏସିଆ ଚାମ୍ପିୟନ୍ସ ଟ୍ରଫି ଜିତିବା ପାଇଁ ଉଦ୍ୟମ କରିବ । ଭାରତୀୟ ହକି ଟିମ୍ ଦକ୍ଷିଣ କୋରିଆକୁ ସେମିଫାଇନାଲ୍‌ରେ ପରାସ୍ତ କରି ଫାଇନାଲ୍‌କୁ ଉନ୍ନିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ସମସ୍ତ ମ୍ୟାଚ୍‌ରେ ବିଜୟ ହାସଲ କରିଛି ।

ଅନ୍ୟ ପକ୍ଷରେ ଚୀନ୍ ପ୍ରଥମ ପର୍ଯ୍ୟାୟରେ ଭାରତ ଠାରୁ ୩-୦ରେ ପରାସ୍ତ ହୋଇଥିଲା । ଭାରତ ୨୦୧୧, ୨୦୧୬, ୨୦୧୮ ଏବଂ ୨୦୨୩ରେ ଏସିଆ ହକି ଚାମ୍ପିୟନ୍‌ସିପ୍‌ରେ ବିଜୟ ହାସଲ କରିଥିଲା ।